# NATIONAL NEWS BULLETIN (ODIA)

**20 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ମତ ବିନିମୟ କଲେ ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ମିଉଙ୍ଗ

– ଉଭୟ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ

- ଭାରତ-ଆମେରିକା ମଧରେ ଆଜିଠାରୁ ପୁଣି ଆରମ୍ଭ ହେବ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଆଲୋଚନା ।

- ଜାମ୍ମୁ କାଶ୍ମୀର ଉଦ୍ଧମପୁରରେ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ମ୍ୟାଚ୍

---

## ପିଏମ୍-ସାଉଥକୋରିଆ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଆଜି ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମିଉଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଉଭୟ ନେତା ଦୁଇଦେଶ ମଧରେ ଥିବା ସଂପର୍କକୁ ଆହୁରି ମଜବୁତ କରିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିବା

ଜଣାପଡ଼ିଛି । ଉଭୟ ଦେଶ ଅନେକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାରେ ସ୍ୱାକ୍ଷର କରିଛନ୍ତି ।

ବୈଠକ ପରେ ପ୍ରଧାନମନ୍ତ୍ରୀ ଓ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଚାରା ରୋପଣ କରିଛନ୍ତି ।

ଆଜି ସକାଳେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ସ୍ୱାଗତ ସମ୍ୱର୍ଦ୍ଧନା ଦିଆଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ । ଭାରତ ଗସ୍ତ ଅବସରରେ ଆଜି ରାଜଘାଟ ଯାଇ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଓ ତାଙ୍କ ସହଧର୍ମିଣୀ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଗତକାଲି ଦକ୍ଷିଣ କୋରିଆ ରାଷ୍ଟ୍ରପତି ୩ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିବା ପରେ କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ତାଙ୍କୁ ସ୍ୱାଗତ କରିଥିଲେ ।

## ଇଣ୍ଡିଆ-ୟୁ.ଏସ୍. ଟ୍ରେଡ୍ ଟକ୍ସ

ଭାରତ ଓ ଆମେରିକା ମଧ୍ୟରେ ଆଜି ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଆଲୋଚନା ପୁଣି ଆରମ୍ଭ ହେବ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ୱାଶିଂଟନ ଡିସିରେ ଏହି ଆଲୋଚନା ହେବ । ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଦର୍ପଣ ଜୈନ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଉଛନ୍ତି। ସୀମା ଶୁଳ୍କ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ମଧ୍ୟ ଭାରତୀୟ ପ୍ରତିନିଧି ଦଳରେ ସାମିଲ୍ ହେବେ । ଏହି ୩ ଦିନିଆ ଆଲୋଚନା କାଳରେ ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ଶୁଳ୍କ ଢାଞ୍ଚା

ନେଇ ମୁହାଁମୁହିଁ ଆଲୋଚନା ହେବ । ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଦ୍ୱାରା ଲାଗୁ କରାଯାଇଥିବା ବର୍ଦ୍ଧିତ ଶୁଳ୍କକୁ ପ୍ରତ୍ୟାହାର କରିବା ଉପରେ ଗତ ଫେବୃଆରୀ ୨୪ ତାରିଖରୁ ସମସ୍ତ ଦେଶ ଉପରେ ଆମଦାନୀ ଶୁଳ୍କ ୧୫୦ ଦିନ ପାଇଁ ଅସ୍ଥାୟୀ ଭାବେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଥିଲା ।

## ରିଜିଜୁ-ଓ୍ୱିମେନ୍ ବିଲ୍

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିଥିବା ବିରୋଧୀ ଦଳଗୁଡ଼ିକ ଏହାର ପରିଣାମ ଭୋଗ କରିବେ । ଗଣମାଧ୍ୟମକୁ ଶ୍ରୀ ରିଜିଜୁ କହିଛନ୍ତି, କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକକୁ ବିରୋଧ କରିବା ଦୁର୍ଭାଗ୍ୟଜନକ । ସେ କହିଛନ୍ତି, ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିବା ପରେ ଏବେ ବିରୋଧୀ ଦଳଗୁଡ଼ିକ ସଫେଇ ଦେବା ଆରମ୍ଭ କରିଛନ୍ତି । ସେ କହିଛନ୍ତି :

**V/O (Rijiju-Women)**

## ଭିପି-ଶ୍ରୀଲଙ୍କା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଶ୍ରୀଲଙ୍କା ଗସ୍ତର ଦ୍ୱିତୀୟ ଦିନରେ ଆଜି ନୂଆରା ଏଲିଆ ଯାତ୍ରା କରିଛନ୍ତି । ସେଠାରେ ବସବାସ କରୁଥିବା ଭାରତୀୟ ଅଧିବାସୀମାନେ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ ଭାରତ ସହାୟତାରେ ନିର୍ମିତ ବାସଗୃହ

ପ୍ରକଳ୍ପ ପରିଦର୍ଶନ କରିଥିଲେ । ଗତକାଲି ଗସ୍ତର ପ୍ରଥମ ଦିନରେ ଉପରାଷ୍ଟ୍ରପତି' ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେ ଏବଂ ପ୍ରଧାନମନ୍ତ୍ରୀ ହରିଣୀ ଅମରସୂର୍ଯ୍ୟାଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ବ୍ୟାପକ ଆଲୋଚନା କରିଥିଲେ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଗତି ପ୍ରଦାନ ନିମନ୍ତେ ଉଭୟ ଦେଶର ସରକାର ପ୍ରସ୍ତୁତ ଥିବା ଆଲୋଚନାରୁ ଜଣାପଡ଼ିଛି । ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

---

## ଅଜିତ ଡୋଭାଲ୍

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ରିଆଦ୍ ଗସ୍ତରେ ଯାଇଛନ୍ତି । ଇରାନ-ଆମେରିକା ଉତ୍ତେଜନାକୁ ନେଇ ଦକ୍ଷିଣ ଏସିଆରେ ସୃଷ୍ଟ  ପରିସ୍ଥିତି ଯୋଗୁଁ  ଶକ୍ତି ସ୍ଥିରତା ଏବଂ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ସେ ସାଉଦି ଆରବର ଶକ୍ତିମନ୍ତ୍ରୀ ପ୍ରିନ୍ସ ଅବଦୁଲ ଅଜିଜ୍ ବିନ୍ ସଲ୍‌ମାନ, ବୈଦେଶିକ ମନ୍ତ୍ରୀ ପ୍ରିନ୍ସ ଫୈଜଲ ବିନ୍ ଫରାହାନ୍ ଏବଂ ନିଜର ପ୍ରତିପକ୍ଷ ଡକ୍ଟର ମୁସାଏଦ୍ ବିନ୍ ମହମ୍ମଦ ଅଲ୍ ଆଇବାନ୍‌ଙ୍କ ସହ ସେ ଆଲୋଚନା କରିବେ । ଗତକାଲି ରିଆଦ୍‌ରେ ପହଞ୍ଚିବା ପରେ ଭାରତୀୟ ରାଷ୍ଟ୍ରଦୂତ ସୁହେଲ ଅଜାଜ୍ ଖାନ୍ ତାଙ୍କୁ ସ୍ୱାଗତ କରିଥିଲେ ।

---

## ବସବା ଜୟନ୍ତୀ

କର୍ଣ୍ଣାଟକର ପ୍ରଖ୍ୟାତ କବି ତଥା ଦାର୍ଶନିକ ସନ୍ଥ ବାସଭେଶ୍ୱରଙ୍କର ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ପ୍ରଧାନମନ୍ତ୍ରୀ କହିଛନ୍ତି, ଭଗବାନ ବସବେଶ୍ୱରଙ୍କର ବିଚାର ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ରହିବ ।

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱକୁ ଜଗତ୍‌ଗୁରୁ ମହାତ୍ମା ବସଭେଶ୍ୱରଙ୍କ ଅବଦାନକୁ ସ୍ମରଣ କରିବାର ସମୟ ଉପନୀତ ହୋଇଛି । ସେ କହିଛନ୍ତି, ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ଆତ୍ମସମ୍ମାନ ପ୍ରତିଷ୍ଠା ଦିଗରେ ବସଭେଶ୍ୱରଙ୍କ ଅବଦାନ ଅତୁଳନୀୟ ଥିଲା । ଆଗାମୀ ପିଢ଼ିକୁ ତାଙ୍କ ଚିନ୍ତନ ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ଉଦ୍ଧମପୁର ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରର ଉଦ୍ଧମପୁର ଜିଲ୍ଲାରେ ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଅନ୍ୟ କେତେଜଣ ଆହତ ହୋଇଥିବା ସେଠାକାର ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଛନ୍ତି । ରାଜନଗର-ଉଦ୍ଧମପୁର ରାସ୍ତାର ଜାଲୋ ଗ୍ରାମ ନିକଟରେ ଦୁର୍ଘଟଣା ଘଟିଛି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ତଥା ସାଂସଦ ଜିତେନ୍ଦ୍ର ସିଂ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ମୃତକମାନଙ୍କ ଆତ୍ମୀୟ ନିକଟଙ୍କ ପାଇଁ ପ୍ରଧାନମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିବା ବେଳେ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

ସୂଚନା ଅନୁଯାୟୀ ଜାମ୍ମୁ କାଶ୍ମୀର ପରିବହନ ନିଗମର ସଂପୃକ୍ତ ବସ୍‌ଟି ରାମନଗରରୁ ଉଦ୍ଧମପୁର ଯାଉଥିଲା । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜୋରଜାର କରାଯାଇଛି । ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ ।

# ଟିଏନ୍-ଡେଥ୍ ଟ୍ରୋଲ୍

ତାମିଲନାଡୁ ବିରୁଦ୍ଧନଗର ଜିଲ୍ଲାରେ ଥିବା ଏକ ବାଣ କାରଖାନାରେ ଗତକାଲି ଘଟିଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ଶ୍ରମିକମାନେ ବିସ୍ଫୋରକ ରସାୟନ ବ୍ୟବହାର କରୁଥିବା ସମୟରେ ପ୍ରଥମ ବିସ୍ଫୋରଣ ଘଟିଥିଲା । ପରେ ଭଗ୍ନାବଶେଷ ଗୁଡ଼ିକ ସଫା କରାଯାଉଥିବା ସମୟରେ ଦ୍ୱିତୀୟ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୧୨ ଜଣ ଆହତ ହୋଇଥିଲେ । ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଅଗ୍ନିଶମ ଓ ପୋଲିସ୍ ବିଭାଗର କେତେଜଣ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି । ମୃତକଙ୍କ ମଧ୍ୟରେ ୨୨ ଜଣ ମହିଳା ଓ ୩ ଜଣ ପୁରୁଷ ରହିଛନ୍ତି । ୧୮ ଜଣ ମୃତକ ସର୍ଭାଇକରନପଟି ଅଞ୍ଚଳର ହୋଇଥିବା କୁହାଯାଇଛି । ଇତିମଧ୍ୟରେ ତାମିଲନାଡୁର ରାଜ୍ୟର ମନ୍ତ୍ରୀମାନେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଛନ୍ତି ।

# ଇଡି-ସର୍ଚ୍ଚେସ୍-ବେଙ୍ଗାଲୁରୁ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡ଼ି କର୍ଣ୍ଣାଟକର ୧୨ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି । କର୍ଣ୍ଣାଟକ କଂଗ୍ରେସ ବିଧାୟକ ଏନ୍.ଏ. ହାରିସଙ୍କ ପୁଅ ମହମ୍ମଦ ହାରିସ୍ ନାଲପଦ ଏବଂ ଓମାର୍ ଫାରୁକ୍ ନାଲପଦଙ୍କ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି । ଶ୍ରୀକ୍ରିଷ୍ଣା ଓରଫ୍ ଶ୍ରୀକି ଏବଂ

ଅନ୍ୟ ଅଭିଯୁକ୍ତଙ୍କ ସହ ଏକ ଠକେଇ ମାମଲାରେ ଜଡ଼ିତ ଥିବା ଅଭିଯୋଗରେ ଚଢ଼ାଉ କରାଯାଉଥିବା କୁହାଯାଇଛି । କର୍ଣ୍ଣାଟକ ପୋଲିସ୍ ପକ୍ଷରୁ ମାମଲାରେ ଅନେକ ଗୁଡ଼ିଏ ଏତଲା ଦାୟର କରାଯାଇଛି । ଜାତୀୟ ଏବଂ ଅନ୍ତର୍ଜାତୀୟ ୱେବ୍‌ସାଇଟ୍ ହ୍ୟାକ୍ କରିବା, ବିଟ୍ କଏନ୍ ଚୋରି ମାମଲା, ନିଶାଦ୍ରବ୍ୟ କାରବାର ଏବଂ ଧମକ ଦେଇ ଅର୍ଥ ଆଦାୟ କରିବା ଭଳି ଘଟଣାରେ ଏତଲା ଦାୟର କରାଯାଇଛି । ସୂଚନା ଅନୁଯାୟୀ ଉଭୟ ମହମ୍ମଦ ଏବଂ ଓମାର୍ ଶ୍ରୀକ୍ରିଷ୍ଣା ରମେଶ ସହ ଅପରାଧିକ ଏବଂ ଠକେଇ ମାମଲାରେ ଜଡ଼ିତ ରହିଥିବା ଜଣାପଡ଼ିଛି ।

## ଇ.ଡି. - କୋଲ୍‌କାତା ବିଜିନେସମ୍ୟାନ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇ.ଡି. ଅପରାଧିକ ସମ୍ପୃକ୍ତି ଥିବା ଅଭିଯୋଗରେ କୋଲକାତାର ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି । ସମ୍ପୃକ୍ତ ବ୍ୟବସାୟୀ ଏବଂ କୋଲକାତା ପୋଲିସ ଡେପୁଟି କମିଶନର ଶାନ୍ତନୁ ସିହ୍ନା ବିଶ୍ୱାସଙ୍କ ବିରୋଧରେ ଅର୍ଥ ଠକେଇ ମାମଲାରେ ଯାଞ୍ଚ୍ ପରେ ଗିରଫ କରାଯାଇଛି । ସନ୍ ଏଣ୍ଟରପ୍ରାଇଜର୍ସର ପରିଚାଳନା ନିର୍ଦ୍ଦେଶକ କାମଦାରଙ୍କୁ ପଚରାଉଚରା ପରେ ଇ.ଡି. ହେପାଜତକୁ ନେଇଥିଲା । ସୂଚନା ଅନୁଯାୟୀ, ତାଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ପଚରାଉଚରା ପାଇଁ ଇ.ଡି. ହେପାଜତକୁ ନେବାର ସମ୍ଭାବନା ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବିଶ୍ୱ ପୃଥ୍ୱୀ ଦିବସ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ସୌରଶକ୍ତି ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡକ୍ଟର ମହମ୍ମଦ ରିହାନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ

ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ନିୟୁ ଚଣ୍ଡୀଗଡ଼ରେ ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫୪ ରନ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି । ୨୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟ୍ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ମାତ୍ର ୨୦୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ୭ ୱିକେଟ୍ ବିନିମୟରେ ୨୫୪ ରନ୍ ସ୍କୋର୍ କରିଥିଲା ।

ଆଜି ସୁଦ୍ଧା ପଏଣ୍ଟ ଟେବୁଲ୍‌ରେ ୧୧ ପଏଣ୍ଟ ସହ ପଞ୍ଜାବ କିଙ୍ଗ୍‌ସ ପ୍ରଥମ ସ୍ଥାନରେ ଥିବା ବେଳେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ରାଜସ୍ଥାନ ରୟାଲ୍‌ସ ୮ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ।

.......................................................................................